# Akashvani, Sambalpur

## SAMBALPURI NEWS BULLETIN

### 6 August 2024- 6.47- 6.52 am.

*********************************************

ପ୍ରଧାନ୍‌ମନ୍ତ୍ରୀ- ଓଡ଼ିଶାର୍ ସାଂସଦ୍          ଆର୍‌ଏନ୍‌ୟୁ /ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଓଡ଼ିଶାର୍ ବିଜେପି ସାଂସଦ୍ ମାନେ ସଂସଦ୍ ଭବନ୍ ନ ଗଲାକାଏଲ୍ ଭେଟିଛନ୍ । ସଂସଦ୍ ନ ପ୍ରଧାନ୍‌ମନ୍ତ୍ରୀଙ୍କର୍ ସଙ୍ଗେ ଓଡ଼ିଶାର୍ ସାଂସଦ୍‌ମାନେ ରାଜ୍ୟର୍ ଭିନ୍ ଭିନ୍ ପ୍ରସଙ୍ଗ୍‌ଥି ଆଲୋଚନା କରିଛନ୍ । ସଭେ ମିଶିକରି ରାଜ୍ୟ ସଂଗଠନ୍‌କେ ମଜ୍‌ବୁତ୍ କର୍‌ବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ସାଂସଦ୍‌ମାନ୍‌କୁ ପରାମର୍ଶ ଦେଇଛନ୍ ।

ଓଡ଼ିଶା- କୁଇଲା ରୟଲ୍‌ଟି          ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶାକେ ଗଲା ୨୦୨୩-୨୪ ଆର୍ଥିକ୍ ବଛରେ୍ଥି ୩ ହଜାର୍ ୮ ଶହ ୮୧ କୋଟି ୭୯ ଲାଖ୍ ଟଙ୍କାର୍ ରୟଲ୍‌ଟି ଦିଆଯାଇଛେ ବଲି କେନ୍ଦ୍ର କୁଇଲା ଆଉ ଖଣିମନ୍ତ୍ରୀ ଜି.କିଶନ୍ ରେଡ୍ଡୀ କହିଛନ୍ । ରାଜ୍ୟସଭା ନ ଗୁଟେ ଲିଖିତ୍ ଉତର୍‌ଥି ସେ କହିଛନ୍ ଯେ, କୁଇଲା କାର୍‌ବାର୍ ଦାମ୍‌ର ଶତ୍‌କଡ଼ା ୧୪ ଭାଗ୍ ହିସାବ୍‌ଥି ଇ ଟଙ୍କା ଦିଆଯାଇଛେ । ଗଲା ୧୦ ବଛ୍‌ରେ କୁଇଲା ଉତ୍ପାଦନ୍‌ର ଇଟା ସମାନ୍ ଆଏ ।

କନକ୍ ବର୍ଦ୍ଧନ୍ ସିଂହଦେଓ-କେନ୍ଦ୍ର ଜିଏସ୍‌ଟି ପରିଷଦ୍ ସଭ୍ୟ

ଆର୍‌ଏନ୍‌ୟୁ /ସମ୍ବଲପୁର

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କେନ୍ଦ୍ର ଜିଏସ୍‌ଟି ପରିଷଦ୍‌ର ସଭ୍ୟ ଭାବେ ମନୋନୀତ୍ ହେଇଛନ୍ । ଅଲ୍‌ଗା ରାଜ୍ୟର୍ ଅର୍ଥମନ୍ତ୍ରୀମାନେ ଇ ପରିଷଦ୍‌ର ସଭ୍ୟ ହେଇଥିବାର୍ ବେଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କର୍ ନାଁ ଇ ପରିଷଦ୍‌ର ସଦସ୍ୟ ହେବାର୍ ଲାଗି ମନୋନୀତ୍ କରିଛନ୍ । ଇ ମନ୍ତ୍ରୀ ପରିଷଦ୍ ସୂଚ୍‌ନା ପ୍ରଯୁକ୍ତି ପ୍ରଣାଲୀର୍ ସମୀକ୍ଷା କର୍‌ବାର୍ ସହେତେ ବ୍ୟବସାୟିକ ଧାରାଥି

ପରିବର୍ତନ୍ ସାଙ୍ଗେ ଟିକସ୍ ବ୍ୟବସ୍ଥାକେ ଫଳପ୍ରଦ କର୍ବାର୍ ଲାଗି ପଦକ୍ଷେପ୍ ନେବା ।

ସଡ଼କ୍ ଦୁର୍ଘଟଣା-ମୁଖ୍ୟମନ୍ତ୍ରୀ          ଆର୍ଏନ୍ୟୁ /ସମ୍ବଲପୁର

କେନ୍ଦୁଝର୍‌ର ଜୋଡ଼ା ନ ସଡ଼କ୍ ଦୁର୍ଘଟଣାଥି ୩ ଝନ୍‌କର୍ ଜୀବନ୍ ଯାଇଥିବାର୍ ଘଟ୍‌ନାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦୁଃଖ ପ୍ରକାଶ୍ କରିଛନ୍ । ମୃତ ଲୁକ୍‌କର୍ ପରିବାର୍‌କେ ୩୦ ହଜାର୍ ଟଙ୍କା ଲେଖା ସାଙ୍ଗେସାଙ୍ଗ୍ ସାହାଜ୍ ଦେବାର୍‌କେ ଆଉ ୨ ଲାଖ୍ ଟଙ୍କାର୍ ସୋଲାସିଅମ୍ ଯୋଜ୍‌ନାଥି ସାହାଜ୍ ଦେବାର୍ ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ଛଡ଼ା ମୃତ ଛାତ୍ରଙ୍କର୍ ଭାଇକେ ଟାଟା ଡିଏଭି ସ୍କୁଲ୍‌ଥି ମାହାଲିଆ ପଢ଼ାବାର୍ ବ୍ୟବସ୍ଥା କରାଯିବା ବଲି ସେ କହିଛନ୍ ।

ସର୍‌କାରୀ କାମ୍-ଓଡ଼ିଆ ଭାଷା       ଆର୍ଏନ୍ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ସଂସ୍କୃତି ଭବନ୍ ନ ଭାକୁଡ଼ିଆ ଭାଷା ପ୍ରତିଷ୍ଠାନ୍ ତର୍‌ଫୁ ସର୍‌କାରୀ କାମ୍‌ଥି ଓଡ଼ିଆ ଭାଷାର୍ ବେଭାର୍ ଲାଗି ଗଲାକାଏଲ୍ ସର୍‌କାରୀ ଅଧିକାରୀମାନ୍‌କର୍ ଲାଗି ଗୁଟେ ତାଲିମ୍

ଶିବିର୍ ମୁଲ୍ ହେଇଛେ । ଇ ଶିବିର୍ ଆଏବା ୯ ତାରିଖ୍‌ତକ୍ ଚାଲ୍‌ବା । ଇ ଶିବର୍‌କେ ଓଡ଼ିଆ ଭାଷା ସାହିତ୍ୟ ଆଉ ସଂସ୍କୃତି ବିଭାଗ୍‌ର ନିର୍ଦ୍ଦେଶକ୍ ଦିଲ୍ଲୀପ୍ ରାଉତ୍‌ରାୟ ଉଦ୍‌ଘାଟନ୍ କରିଛନ୍ । ୫ ଦିନ୍ ଧରିକରି ଚାଲ୍‌ବାର୍‌କେ ଥିବାର୍ ଇ ଶିବିର୍‌ଥି ଓଡ଼ିଆ ଶବ୍ଦଭଣ୍ଡାର୍‌ର ବ୍ୟବହାରିକ୍ ରୂପ, ପ୍ରଶାସନିକ୍ ଶବ୍ଦ ବାଛ୍‌ବାର୍ ଆର୍ ବାକ୍ୟ ଗଠନ୍, ଓଡ଼ିଆ ଭାଷାଥି ଆଦେଶ୍‌ନାମା, ଟିପ୍ପଣୀ ଆର୍ ଚିଠା ବାଗିର୍ ପ୍ରସ୍ତୁତି, କମ୍ପ୍ୟୁଟର୍ ଜରିଏ ଓଡ଼ିଆ ଭାଷାଥି ସର୍‌କାରୀ କାମ୍ ବାବ୍‌ଦେ ତାଲିମ୍ ଦିଆଯିବା । ଇ କାର୍ଯ୍ୟକ୍ରମ୍‌ଥି ରାଜ୍ୟ ସର୍‌କାର୍‌ଙ୍କର୍ ଅଧୀନ୍‌ଥି କାମ୍ କରୁଥିବା ୧୨ ଟା ବିଭାଗ୍‌ର ମୋଟ୍ ଶହେ ୧୭ ଝନ୍ ଅଧିକାରୀ ଯୋଗ୍ ଦେଇଛନ୍ ।

ଆଇଆଇଏମ୍-ମେନେଜ୍‌ମେଂଟ୍ ଇମର୍‌ସନ୍ କାର୍ଯ୍ୟକ୍ରମ୍

ଆର୍‌ଏନ୍‌ୟୁ /ସମ୍ବଲପୁର

ଆଇଆଇଏମ୍ ସମ୍ବଲ୍‌ପୁର ନ ଆଇଆଇଏଲ୍‌ଏମ୍ ନୋଏଡ଼ା ବିଶ୍ୱବିଦ୍ୟାଲୟର୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ୪ ଦିନିଆ ମେନେଜ୍‌ମେଂଟ୍ ଇମର୍‌ସନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ୬୨ ଝନ୍ ଛାତ୍ରଛାତ୍ରୀ ଭିନ୍ ଭିନ୍ କର୍ମଶାଳା ଥି ଯୋଗ୍ ଦେବାର୍ ସହେତେ ହିଣ୍ଡାଲ୍‌କୋ କାର୍‌ଖାନା ବୁଲିକରି

ଦେଖିଥିଲେ । ଇତାର୍‌ଛଡ଼ା ସାମାଜିକ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ୍‌ଥି ଅତାବିରା ବୁଣାକାର୍ ଶିଳ୍ପ ବୁଲି ଦେଖିଥିଲେ ।

ପାସିଙ୍ଗ ଆଉଟ୍ ପେରେଡ୍ ସମୀକ୍ଷା        ଆର୍‌ଏନ୍‌ୟୁ /ସମ୍ବଲପୁର

ଆଇଏନ୍‌ଏସ୍ ଚିଲିକା ନ ଆଏବା ୯ ତାରିଖ୍ ଦିନ ନାଭାଲ୍ ଷ୍ଟାଫ୍ ମୁଖ୍ୟ ଆଡ଼ମିରାଲ୍ ଦୀନେଶ୍ କେ. ତ୍ରିପାଠୀ ଅଗ୍ନିବୀର୍ ମାନ୍‌କର୍ ପାସିଙ୍ଗ ଆଉଟ୍ ପେରେଡ୍‌ର ସମୀକ୍ଷା କର୍‌ବେ । ଇ ସମାରୋହ୍‌ଥି ୨ ଶହ ୧୬ ଝନ୍ ମହିଳା ଅଗ୍ନିବୀରଙ୍କର୍ ସହେତେ ୧ ହଜାର୍ ୩ ଶହ ୯୦ ଝନ୍ ଅଗ୍ନିବୀର ଭାଗ୍ ନେବେ । ଇ ଅବ୍‌ସରେ ନୌସେନା ଅଗ୍ନିବୀରଙ୍କର୍ ସଙ୍ଗେ ୩ ଶହ ୩୦ ଝନ୍ ତଟରକ୍ଷୀ ନାବିକ ଭିଲ୍ ଉତୀର୍ଣ୍ଣ ହେବେ ।

ଖସାପଡ଼ା ନୀତି        ଆର୍‌ଏନ୍‌ୟୁ /ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ମହାପ୍ରଭୁଙ୍କର୍ ଖସାପଡ଼ା ନୀତି ଗଲାକାଏଲ୍ ହେଇଯାଇଛେ । ରଥଯାତ୍ରା ଉତ୍‌ରୁ ଶ୍ରୀଜୀଉଙ୍କର୍ ଶ୍ରୀଅଙ୍ଗକେ ବାଧା ପୁହୁଁଚିଥିଲା । ସେଥିର୍‌ଲାଗି ଖସାପଡ଼ା ନୀତି ହେଇକରି

ମାହାପୁରୁଙ୍କର୍ ଶ୍ରୀଅଙ୍ଗର ସୁରକ୍ଷା କରାଯାଇଛେ । ଦଇତାପତି ସେବାୟତ୍‌ମାନେ ସାମୂହିକ୍ ସେବାଥି ଇ ନୀତି କରିଛନ୍ । ଇଥିର୍‌ଲାଗି ଗଲାକାଏଲ୍ ଉପର୍‌ବେଲା ୫ ବଜେନୁ ରାତି ୯ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହିଥିଲା । ରାତି ୮ ବାଜିକରି ୧୦ ମିନିଟ୍‌ଥି ଦଇତାପତି ସେବକ୍‌ମାନେ ଗର୍ଭଗୃହ ନୁ ବାହାରିଥିଲେ । ଇତାର୍‌ଉତ୍‌ରୁ ମାହାପୁରୁମାନ୍‌କର୍ ମହାସ୍ନାନ କରାଯାଇକରି ଭକ୍ତମାନ୍‌କର୍ ଲାଗି ଦର୍ଶନ୍ ମୁଲ୍ ହେଇଥିଲା ।

ଭୁବ୍‌ନେଶ୍ୱର୍ ଆଂଚଲିକ୍ ଶିକ୍ଷା ପ୍ରତିଷ୍ଠାନ୍ ପ୍ରତିଷ୍ଠା ଦିବସ

ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ଶିକ୍ଷା ପ୍ରତିଷ୍ଠାନ୍‌ର ପ୍ରତିଷ୍ଠା ଦିବସ୍ ଗଲାକାଏଲ୍ ପ୍ରତିଷ୍ଠାନ୍ ପରିସର ନ ହେଇଯାଇଛେ । ପ୍ରତିଷ୍ଠାନ୍‌ର ଅଧ୍ୟକ୍ଷ ପ୍ରଫେସର୍ ପ୍ରକାଶ୍ ଚନ୍ଦ୍ର ଅଗ୍ରୱାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉତ୍ସବ୍‌ଥି ଏନ୍‌ସିଇଆର୍‌ଟିର ପ୍ରଫେସର୍ ଦୀନେଶ୍ ପ୍ରସାଦ୍ ସକ୍‌ଲାନୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶିକ୍ଷା ସବୁବେଲେ ସଂସ୍କୃତିର୍ ପ୍ରସାର୍ ଆଉ ପୃଷ୍ଠପୋଷକତା କରିଥିସି ବଲି କହିଥିଲେ । ସମ୍ମାନିତ୍ ଅତିଥି ଭାବେ ଯୋଗ୍‌ଦେଇକରି ଦିଲ୍ଲୀ ଦକ୍ଷତା ଆଉ ଉଦ୍ୟମିତା ବିଶ୍ୱବିଦ୍ୟାଲୟର୍ କୁଳପତି ଅଶୋକ୍

କୁମାର୍ ନାଗାଓ୍ୱତ୍ କୃତ୍ରିମ ବୁଦ୍ଧିମତାର୍ ଆଭିମୁଖ୍ୟ ଆଉ ଆବଶ୍ୟକତା ଉପ୍ରେ ଜୋର୍ ଦେଇକରି ଇତାର୍ ସଦ୍‌ଉପଯୋଗ୍ ଲାଗି ସମସ୍ତଙ୍କୁ ଅନୁରୋଧ୍ କରିଥିଲେ ।

କନିଷ୍ଠ ଶିକ୍ଷକ୍ ନିଯୁକ୍ତି - ଅନ୍‌ଲାଇନ୍ କାଉନ୍‌ସେଲିଂ

ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ କନିଷ୍ଠ ଶିକ୍ଷକ୍ ନିଯୁକ୍ତି ଲାଗି ଅନ୍‌ଲାଇନ୍ କାଉନ୍‌ସେଲିଂ ହେବା । ଖାଲି ପଡ଼ିଥିବା ବିଦ୍ୟାଲୟମାନ୍‌କେ ୧୮ ହଜାର୍ ୭ ଶହ ୮୮ ଶିକ୍ଷକ୍ ନୟୁକ୍ତି ଲାଗି କାଉନ୍‌ସେଲିଂ କରାଯିବା । କାଉନ୍‌ସେଲିଂ ବାବ୍‌ଦେ ସେ ଜିଲ୍ଲାମାନ୍‌କର୍ ଜିଲ୍ଲା ଓ୍ୱେବ୍‌ସାଇଟ୍ ସହେତେ ଓସେପା ଓ୍ୱେବ୍‌ସାଇଟ୍‌ଥି ବିଜ୍ଞପ୍ତି ବାହାର୍‌ବା । ଓଡ଼ିଶା ରାଜ୍ୟ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍- ଓସେପା ତର୍‌ଫୁ ଇଥିର୍‌ଲାଗି ନିଷ୍ପତି ନିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଆଏବା ୯ ତାରିଖ୍‌ତକ୍ ବିଜ୍‌ଲି, ଘଡ଼୍‌ଘଡ଼ି ମାରିକରି ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ପାଣିପାଗ୍ ବିଜ୍ଞାନ୍

କେନ୍ଦ୍ର ତରଫୁ ଅନୁମାନ୍ କରାଯାଇଛେ । ଆଏଜ୍ ସମ୍ବଲ୍ପୁର୍, ବର୍ଗଡ୍, ଝାର୍ସୁଗୁଡ଼ା, ଦେବ୍ଗଡ୍, ସୁନ୍ଦର୍ଗଡ୍, କଲାହାଣ୍ଡି, ସହେତେ ୧୭ ଟା ଜିଲ୍ଲାଥି ଘଡ଼୍ଘଡ଼ି ମାରିକରି ଜବର୍ ବର୍ଷା ହେଇପାରେ ।